# କେନ୍ଦୁଝର : ଡିସେମ୍ବର ୧୫ ତାରିଖରେ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ନିଯୁକ୍ତି ମେଳା

କେନ୍ଦୁଝର, ତା ୧୦.୧୨. ଓଡିଶା ଦକ୍ଷତା ପ୍ରାଧିକାରଣ ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଚଳିତ ଡିସେମ୍ବର ୧୫ ତାରିଖ ଶନିବାର ଦିନ କେନ୍ଦୁଝରି ଜିଲ୍ଲା ସଦର ମହକୁମାସ୍ଥ ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ (ଓ.ଏସ୍.ଏମ୍.ଇ.) ପଡିଆ ଠାରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳାର ସୁପରିଚାଳନା ପାଇଁ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଆଶିଷ ଠାକରେ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିଯୁକ୍ତି ମେଳାର ସୁଆୟୋଜନ ଓ ପରିଚାଳନା ନିମନ୍ତେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁଙ୍କ ଅଧକ୍ଷତାରେ ବିଭିନ୍ନ ପର୍ଯ୍ୟାୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଚୂଡାନ୍ତ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି । ସୂଚନା ଯୋଗ୍ୟ ଯେ ଜିଲ୍ଲାର ୧୮ ରୁ ୩୫ ବର୍ଷ ବୟସ ପର୍ଯ୍ୟନ୍ତ ଶିକ୍ଷିତ ବେକାର ଯୁବକ ଓ ଯୁବତୀଙ୍କୁ ବିଭିନ୍ନ କମ୍ପାନୀ, ଘରୋଇ ଉଦ୍ୟୋଗ ତଥା ଶିଳ୍ପ ସଂସ୍ଥାରେ ନିଯୁକ୍ତି ଦେବା ନିମନ୍ତେ ଏହି ନିଯୁକ୍ତି ମେଳା ଆୟୋଜନ କରାଯାଉଛି । ପଂଚମ ଶ୍ରେଣୀ ପାସ୍ ରୁ ସ୍ନାତକ ପାସ ଶିକ୍ଷାଗତ ଯୋଗ୍ୟତା ଥିବା ଶିକ୍ଷିତ ବେକାର ଯୁବକଯୁବତୀ ଏହି ନିଯୁକ୍ତି ମେଳାରେ ଅଂଶ ଗ୍ରହଣ କରିପାରିବେ । ବି.ପି.ଓ., ସିଲେଇମେସିନ୍ ଅପରେଟର, ସିକ୍ୟୁରିଟି ଗାର୍ଡ, ସିକ୍ୟୁରିଟି ସୁପରଭାଇଜର, ରିଟେଲ ଓ ସେଲସ୍ ପର୍ସନ୍ସ, ହାଉସ୍ କିପିଙ୍ଗ୍, ହସ୍ପିଟାଲିଟି, ଟେକନିସିଆନ୍, ରଡ୍ ବାଇଣ୍ଡିଂ, ସେନଟ୍ରୀ ଓ ସ୍ପିନିଂମିଲ୍ ଅପରେଟର ଇତ୍ୟାଦି ପଦବୀ ନିମନ୍ତେ ଏହି ନିଯୁକ୍ତି ମେଳାରେ ବ୍ୟବସ୍ଥା କରାଯାଇଛି । ଏହି ନିଯୁକ୍ତି ମେଳାରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ବିଭିନ୍ନ ଘରୋଇ ସଂସ୍ଥା / ଅନୁଷ୍ଠାନ/ କମ୍ପାନୀମାନେ ଅଂଶଗ୍ରହଣ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଆବଶ୍ୟକୀୟ ସ୍କ୍ରିନିଂ ପରେ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ ଯେ ଏହି ସୁଯୋଗ ସରକାରୀ ଚାକିରୀ ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ଇଚ୍ଛୁକ ଯୁବକଯୁବତୀମାନେ ଚଳିତ ଡିସେମ୍ବର ୧୫ ତାରିଖ ଶନିବାର ଦିନ ସକାଳ ୯ ଘଟିକା ସୁଦ୍ଧା ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ କେନ୍ଦୁଝର (ଓଡିଶା ସ୍କୁଲ୍ ଅଫ୍ ମାଇନିଂ ଇଞ୍ଜିନିୟରିଂ) ଠାରେ ପହଂଚି ନିଜ ନାମ ପଞ୍ଜୀକରଣ କରିପାରିବେ । ପ୍ରାର୍ଥୀମାନେ ସାଙ୍ଗରେ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଜାତିଗତ ପ୍ରମାଣ ପତ୍ର, ଆଧାରକାର୍ଡ, ବିପିଏଲ କାର୍ଡର ନକଲ ସହିତ ୨ଟି ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍ ଆଣି ଏହି ମେଳାରେ ଯୋଗଦେଇ ପାରିବେ ବୋଲି ସୂଚନା ଦିଆଯାଇଛି । ବିଶେଷ ସୂଚନା ପାଇଁ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ଜିଲ୍ଲାର ସମସ୍ତ ଉପନିୟୋଜନ କାର୍ଯ୍ୟାଳୟ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ସତ୍ୟାନନ୍ଦ ବେହେରା ପ୍ରକାଶ କରିଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର